# ଭୁବନେଶ୍ୱର ସିଟି



# କସ୍‌ମେଟିକ୍ କମ୍ପାନୀ ଆଳରେ କୋଟିଏ ଠକେଇ

ଭୁବନେଶ୍ୱର,୩।୫ (ସମିସ):



କସ୍‌ମେଟିକ୍ କମ୍ପାନୀ ପ୍ରତିଷ୍ଠା ଆଳରେ କୋଟିଏ ୨୦ ଲକ୍ଷ ଟଙ୍କା ଠକି ନେଇଛନ୍ତି ଧୂର୍ତ୍ତ। ଏନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହେବାପରେ ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ରସୁଲଗଡ଼ ବ୍ରହ୍ମେଶ୍ୱର କଲୋନୀର ଦୁର୍ଯ୍ୟୋଧନ ଚୌଧୁରୀ (୫୪)। ପୁଲିସ ସୂଚନାନୁସାରେ, ୟୁନିଟ୍ ୨ରେ କସମେଟିକ୍ ଦୋକାନ କରିଥିବା ନରେଶ ପାତ୍ରଙ୍କର ଦୁର୍ଯ୍ୟୋଧନ ଚୌଧୁରୀ ସହ ସମ୍ପର୍କ ଥିଲା। ସେ ଦୁର୍ଯ୍ୟୋଧନ ମାଧ୍ୟମରେ ରାହୁଲ ସ୍ୱାଇଁଙ୍କ ସହ ପରିଚିତ ହୋଇଥିଲେ। ରାହୁଲ ପ୍ରାରମ୍ଭରେ କସ୍‌ମେଟିକ୍ ସାମଗ୍ରୀ କିଣୁଥିବା ବେଳେ ସମୟାନୁସାରେ ଟଙ୍କା ଦେଇ ନରେଶଙ୍କ ସହିତ ଭଲ ବ୍ୟବସାୟିକ ସମ୍ପର୍କ ରଖିଥିଲା। ପରବର୍ତ୍ତୀ ସମୟରେ, ରାହୁଲ ଓ ଦୁର୍ଯ୍ୟୋଧନ ମିଶି ନରେଶଙ୍କୁ ଏକ କସମେଟିକ୍ ଉତ୍ପାଦନ ୟୁନିଟ୍ ବା କମ୍ପାନୀ ପ୍ରତିଷ୍ଠା କରିବାର ପ୍ରତିଶ୍ରୁତି ଦେଇ ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ଏଥିସହିତ ସରକାରୀ ପ୍ରୋତ୍ସାହନ ସମେତ ଲାଇସେନ୍ସ, ଯନ୍ତ୍ରପାତି ଓ ଅନ୍ୟାନ୍ୟ ସୁବିଧା ବ୍ୟବସ୍ଥା କରିବାକୁ କହିଥିଲେ। ନରେଶ ତାଙ୍କ କଥାକୁ ବିଶ୍ୱାସ କରି, ବିଭିନ୍ନ ପର୍ଯ୍ୟାୟରେ ରାହୁଲ ଓ ଦୁର୍ଯ୍ୟୋଧନଙ୍କୁ ୬୦ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ସେପରି କୌଣସି ବ୍ୟବସାୟ ପ୍ରତିଷ୍ଠିତ ହୋଇନାହିଁ କି ଟଙ୍କା ନିବେଶ ହୋଇଥିବା ନେଇ କୌଣସି ସାମଗ୍ରୀ କିଣା ହୋଇନଥିବା ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଥିଲେ। ଏହା ସହିତ ରାହୁଲ ଓ ଦୁର୍ଯ୍ୟୋଧନ ମିଶି ନରେଶ ଓ ଅନ୍ୟାନ୍ୟ ବ୍ୟବସାୟୀଙ୍କ ନିବେଶ ଆଳରେ ୬୦ ଲକ୍ଷ ଟଙ୍କା ନେଇ ଯାଇଥିଲେ। ନରେଶ ତାଙ୍କ ଟଙ୍କା ଫେରସ୍ତ ମାଗିବାରୁ, ରାହୁଲ ଏଡ଼ାଇ ଯିବା ସହ ଅତିରିକ୍ତ ଟଙ୍କା ଦାବି କରିଥିଲା। ଟଙ୍କା ଦେବା ଲାଗି ମନା କରିବାରୁ ରାହୁଲ ଓ ଦୁର୍ଯ୍ୟୋଧନ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା କରିବାକୁ ଧମକ ଦେଇଥିଲେ। ପରେ ଉଭୟପକ୍ଷଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା ଓ ରାହୁଲ ୬୦ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଚେକ୍ ଦେଇଥିଲେ। କିନ୍ତୁ ପର୍ଯ୍ୟାପ୍ତ ଟଙ୍କା ନଥିବାରୁ ଉକ୍ତ ଚେକ୍ ବାଉନ୍ସ ହୋଇଯାଇଥିଲା। ଏନେଇ ନରେଶ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ରବିବାର ଦୁର୍ଯ୍ୟୋଧନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଦୁଇ ବ୍ରାଉନସୁଗର୍ ବେପାରୀ ଗିରଫ



ଭୁବନେଶ୍ୱର,୩।୫(ସମିସ): ବେଆଇନ ବ୍ରାଉନସୁଗର୍ କାରବାର କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି, ପଣ୍ଡା ପାର୍କ ବସ୍ତିର ତୋଫାନ ନାୟକ (୩୮) ଓ ହାପି ନାୟକ ଓରଫ୍ ଗେଡ଼ (୨୨)। ପୁଲିସ ସୂଚନାନୁସାରେ, ରବିବାର ସକାଳ ସମୟରେ ଦୁଇ ଜଣ ନିଶା ବେପାରୀ ଉତ୍କଳ ହସ୍ପିଟାଲ୍ ଦୁଇଶହ ଫୁଟିଆ ରାସ୍ତାରେ ବ୍ରାଉନସୁଗର ବିକ୍ରି କରୁଥିବା ନେଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଖବର ପାଇଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ଆର୍ତ୍ତତ୍ରାଣ ଆଶ୍ରମ ନିକଟରେ ଚଢ଼ଉ କରି ତୋଫାନ ଓ ଗେଡ଼କୁ ଅଟକ ରଖିଥିଲା। ଯାଞ୍ଚ ସମୟରେ ସେମାନଙ୍କ ଠାରୁ ୧୩ ଗ୍ରାମ ଓଜନର ବ୍ରାଉନସୁଗର ଓ ୧୧୦୦ ଟଙ୍କା ଜବତ କରିଥିଲା। ସେମାନେ ବାଲେଶ୍ୱର ପାଶ୍ୱର୍ରୁ ବେଆଇନ ବ୍ରାଉନସୁଗାର ସଂଗ୍ରହ କରି ଆଣି ଭୁବନେଶ୍ୱରରେ ବିକ୍ରି କରୁଥିବା ନେଇ ସ୍ୱୀକାର କରିଥିଲେ। ଏନେଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି। ପୂର୍ବରୁ ତୋଫାନ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୯ଟି ଓ ଗେଡ଼ ନାମରେ ୭ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

# ମହିଳା ସାମ୍ବାଦିକଙ୍କ ଗାଡ଼ି ଚୋରି

ଭୁବନେଶ୍ୱର,୩।୫(ସମିସ): କ୍ୟାପିଟାଲ ଥାନା ଅନ୍ତର୍ଗତ ମାର୍କେଟ ବିଲ୍ଡିଂ ଆଖଣ୍ଡଳମଣି ମନ୍ଦିର ନିକଟରୁ ଜଣେ କାର୍ଯ୍ୟରତ ସାମ୍ବାଦିକା ସୁଚରିତା ପାତ୍ରଙ୍କ ସ୍କୁଟି ଚୋରି ହୋଇଯାଇଛି। ସେ ତାଙ୍କ କାର୍ଯ୍ୟରେ ମାର୍କେଟ୍ ବିଲ୍ଡିଂ ଯାଇଥିଲା ବେଳେ ମାତ୍ର ଅଧ ଘଣ୍ଟାଏ ମଧ୍ୟରେ କେହି ଜଣେ ଦୁର୍ବୃତ୍ତ ତାଙ୍କ ସ୍କୁଟିର ତାଲା ଭାଙ୍ଗି ଚୋରି କରି ନେଇ ଯାଇଥିଲେ। ଏନେଇ ସୂଚରିତା କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ସାମ୍ବାଦିକାଙ୍କ ସ୍କୁଟି ଚୋରିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଥାନାରେ ଦିଆଯାଇଥିବା ଏତଲା ଅନୁଯାୟୀ, ସୂଚରିତା କୌଣସି କାମରେ ତାଙ୍କ ସ୍କୁଟି ନେଇ ମାର୍କେଟ ବିଲ୍ଡିଂ ଆସିଥିଲେ। ରବିବାର ସନ୍ଧ୍ୟା ୬ଟା ୨୫ରେ କ୍ୟାପିଟାଲ ଥାନା ଠାରୁ ସାମାନ୍ୟ କିଛି ଦୂରରେ ଅବସ୍ଥିତ ଆଖଣ୍ଡଳମଣି ମନ୍ଦିର ନିକଟରେ ସ୍କୁଟି(ଓଡ଼ି୧୩ ସି୬୨୮୩) ପାର୍କିଂ କରିଥିଲେ। ଥାନା ପାଖରେ ଥିବାରୁ ସେ ନିଦ୍ୱନ୍ଦରେ ସ୍କୁଟିକୁ ପାର୍କିଂ କରି ଚାଲି ଯାଇଥିଲେ। ୭ଟା ସମୟରେ କାମ ଶେଷ କରି ଆସି ଦେଖିଲା ବେଳକୁ ତାଙ୍କ ସ୍କୁଟି ଆଉ ସେଠାରେ ନଥିଲା। ବହୁ ଲୋକଙ୍କୁ ପଚରାଉଚରା କରିବା ସହ ସ୍କୁଟିକୁ ଖୋଜାଖୋଜି କରିବା ପରେ ମଧ୍ୟ ସ୍କୁଟି ମିଳି ନଥିଲା। ସ୍କୁଟି ଚୋରିକୁ ନେଇ ସେ ଦୁଃଖ ପ୍ରକାଶ କରିଥିଲେ। ଏହାସହ ଥାନାରେ ଏତଲା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସହର ସାରା ସିସିଟିଭି ଲାଗିଛି ବୋଲି ପ୍ରଶାସନ ଦାବି କରିଥିଲେ ମଧ୍ୟ ଏଠାରେ ସିସିଟିଭି ନଥିଲା। ପୁଲିସ ଏପର୍ଯ୍ୟନ୍ତ ଚୋରକୁ ଧରିବାକୁ ଅସମର୍ଥ ହୋଇଛି। ସାମ୍ବାଦିକାଙ୍କ ସ୍କୁଟି ଚୋରିକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

# ବିଶ୍ୱାସର ଦଶନ୍ଧି ପୂରଣ କଲା କାମ୍ପା ସୋଲାର




ଭୁବନେଶ୍ୱର,୩।୫(ସମିସ): ଓଡ଼ିଶାର ପ୍ରତିଷ୍ଠିତ ସୌର ଶକ୍ତି ସଂସ୍ଥା 'କାମ୍ପା ସୋଲାର' ୧୦ ବର୍ଷ ପୂରଣ କରିଛି। ଗ୍ରାହକଙ୍କ ସନ୍ତୁଷ୍ଟି ଏବଂ ଉନ୍ନତମାନର ସେବାକୁ ପାଥେୟ କରି କାମ୍ପା ସୋଲାର ଆଜି ଏହି ସ୍ଥାନରେ ପହଞ୍ଚିଛି। ୨୦୧୬ ରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆଜି ଓଡ଼ିଶାର ହଜାର ହଜାର ପରିବାରଙ୍କ ମୁହଁରେ ହସ ଆଣିପାରିଛି। ସ୍ୱଚ୍ଛ ଶକ୍ତି ମାଧ୍ୟମରେ ପ୍ରଦୂଷଣ ମୁକ୍ତ ପରିବେଶ ଗଠନ ସହ ବିଦ୍ୟୁତ୍ ବିଲ୍‌ରୁ ମୁକ୍ତି ଦେବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସ୍ଥା ପକ୍ଷରୁ କୁହାଯାଇଛି। ଏହି ଅବସରରେ କର୍ମକର୍ତ୍ତାଙ୍କୁ ପୁରସ୍କାର ସହିତ ପ୍ରୋତ୍ସାହିତ କରିବା ସହ କାର ଏବଂ ବାଇକ ଉପହାର ପ୍ରଦାନ କରାଯାଇଛି। ଏଥିରେ ସଂସ୍ଥାର ସଂସ୍ଥାପକ ଓ ନିର୍ଦ୍ଦେଶକ ଜପବନ୍ଧୁ କାମ୍ପା ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ବଲାଙ୍ଗୀର ବିଧାୟକ ବଲାଙ୍ଗୀର କଳିକେଶ ସିଂଦେଓ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଅଲ ଓଡିଶା ପାଇକ ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ଏହି ଉପଲକ୍ଷେ ଓଲିଉଡ୍ ଅଭିନେତ୍ରୀ ପ୍ରିୟା ଚୌଧରୀଙ୍କୁ ନିଜର ବ୍ରାଣ୍ଡ ଆମ୍ବାସଡର ଭାବେ ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି।

# ଚଳନ୍ତା ଟ୍ରେନ୍‌ରୁ ଖସି ଯୁବକ ମୃତ

ଭୁବନେଶ୍ୱର,୩।୫(ସମିସ): ରାଜଧାନୀ ଭୁବନେଶ୍ୱରର ମଞ୍ଚେଶ୍ୱର ରେଳ ଷ୍ଟେସନରେ ଏକ ଦୁର୍ଘଟଣା ଘଟିଛି। ଚଳନ୍ତା ଟ୍ରେନରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଘଟଣାସ୍ଥଳରେ ଜିଆରପି ଓ ମଞ୍ଚେଶ୍ୱର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ରବିବାର ସକାଳେ ମଞ୍ଚେଶ୍ୱର ଷ୍ଟେସନ ନିକଟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଯୁବକ ଜଣକ ଟ୍ରେନରୁ କିପରି ଖସିପଡ଼ିଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସମ୍ଭବତଃ ଟ୍ରେନର ଦରଜା ନିକଟରେ ଠିଆ ହୋଇଥିବା ସମୟରେ ସନ୍ତୁଳନ ହରାଇ ଖସିପଡ଼ିଥିବା ଅନୁମାନ କରାଯାଉଛି। ଘଟଣା ପରେ ସ୍ଥାନୀୟ ଲୋକେ ଓ ରେଳ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ନେଇ ଚିକିତ୍ସା ପାଇଁ ପ୍ରୟାସ କରାଯାଇଥିଲା, କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବୟସ ପ୍ରାୟ ୨୫ ରୁ ୩୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କ ପରିଧାନ ଓ ଶରୀରରୁ ମିଳିଥିବା ଅନ୍ୟାନ୍ୟ ସୂଚନା ଆଧାରରେ ପରିଚୟ ସ୍ଥିର କରିବାକୁ ପୁଲିସ ଚେଷ୍ଟା କରୁଛି। ମୃତଦେହକୁ ପୋଷ୍ଟମର୍ଟମ୍ ପାଇଁ ପଠାଇ ଦିଆଯାଇଛି। ଜିଆରପି ଓ ମଞ୍ଚେଶ୍ୱର ଥାନା ପୁଲିସ ଯୌଥଭାବେ ତଦନ୍ତ ଆରମ୍ଭ କରିଛନ୍ତି। ସିସିଟିଭି ଫୁଟେଜ୍ ପରୀକ୍ଷଣ କରାଯାଉଛି। ଟ୍ରେନ୍ ନମ୍ବର, ଯାତ୍ରୀ ତଥ୍ୟ ଓ ଅନ୍ୟାନ୍ୟ ସାକ୍ଷୀଙ୍କ ବୟାନ ଆଧାରରେ ଘଟଣାର ପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯାଉଛି। ଏହା ଦୁର୍ଘଟଣା ନା ଅନ୍ୟ କୌଣସି କାରଣରୁ ଘଟିଛି ତାହା ସ୍ପଷ୍ଟ ହୋଇପାରିନାହିଁ।

# ବରିଷ୍ଠ ନାଗରିକଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ

ଭୁବନେଶ୍ୱର,୩।୫(ସମିସ): ପୁଣି ରାଜଧାନୀରେ ଆତଙ୍କ ଖେଳାଇଛନ୍ତି ଛିନତାଇ ଗ୍ୟାଙ୍ଗ୍। ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ କରି ସୁନା ଚେନ ଛଡ଼ାଇ ନେଇଛନ୍ତି। ଟାଟା ଆରିଆନା ଆପାର୍ଟମେଣ୍ଟ ଛକରେ ଏଭଳି ଘଟଣା ଘଟିଛି। ଲୁଟ୍‌ର ଶିକାର ବରିଷ୍ଠ ନାଗରିକ ନଳିନୀ ରଞ୍ଜନ ଚୌଧୁରୀ ତମାଣ୍ଡୋ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, କଟକ ଅପର୍ଣ୍ଣା ନଗରର ନଳିନୀ କଳିଙ୍ଗନଗର କେ ୭ ଅଞ୍ଚଳରେ ରହୁଛନ୍ତି। ସେ ଓ ତାଙ୍କ ପତ୍ନୀ ସ୍କୁଟି ଯୋଗେ କଳିଙ୍ଗନଗର କେ ୪ ମାଛ ମାର୍କେଟରୁ ଘରକୁ ଫେରୁଥିଲେ। ସେମାନେ ଟାଟା ଆରିଆନା ଡିଭାଇଡର ନିକଟରେ ପାଇଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ନେଇ ଫେରାର ହୋଇ ଯାଇଥିଲେ। ନଳିନୀ ସେମାନଙ୍କୁ ପିଛା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏନେଇ ସେ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି।

# ଶ୍ରୁତି ଓଡ଼ିଶୀ ଓ ଲଘୁ ସଂଗୀତ ଉଦ୍‌ଯାପିତ




ଭୁବନେଶ୍ୱର,୩।୫(ସମିସ): ସଂଗୀତ ଅନୁଷ୍ଠାନ ଶ୍ରୁତି ପକ୍ଷରୁ ରବିନ୍ଦ୍ର ମଣ୍ଡପଠାରେ ୨୧ତମ ଓଡିଶୀ ଓ ଲଘୁ ସଂଗୀତ ସମାରେହ ୨୦୨୬ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ସଂସ୍କୃତି ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ବିଶିଷ୍ଟ ଅତିଥି ଭାବେ ମାନସ ଗଡନାୟକ, ପଦ୍ମଶ୍ରୀ ଅରୁଣା ମହାନ୍ତି, ଗୁରୁ ଧନେଶ୍ୱର ସ୍ୱାଇଁ, ଇଂ ପ୍ରଶାନ୍ତ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉପଦେଷ୍ଟା ତଥା ଓଡିଶୀ ଗାୟକ ଗୁରୁ ଡ. ବିଜୟ କୁମାର ଜେନା, ସଂପାଦିକା ତଥା ଗାୟିକା ହରପ୍ରିୟା ସ୍ୱାଇଁ ଆଦି ଉପସ୍ଥିତ ରହି ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା।

# 'ଅରକ୍ଷିତକୁ ଦଇବ ସାହା' ଆଲୋଚନା

ଭୁବନେଶ୍ୱର,୩।୫(ସମିସ): ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଆଜୀବନ ପ୍ରୟାସ ଜାରି ରଖିଥିବା ପର୍ଶୁରାମ ଦ୍ୱିବେଦୀଙ୍କ ତେୟାନବେତମ ସ୍ୱନକ୍ଷେତ୍ର ଅବସରରେ ଅରକ୍ଷିତକୁ ଦଇବ ସାହା ଶୀର୍ଷକ ଆଲୋଚନାଚକ୍ର ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ସଭାଗୃହରେ ଅନୁଷ୍ଠିତ ହୋଇଛି। ସୀତାବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ତା ଭାବରେ ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ରଥ, ବରିଷ୍ଠ ସାମ୍ବାଦିକ ଗୁରୁ କଲ୍ୟାଣ ମହାପାତ୍ର, ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଦାଶ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପୀତବାସ ରାଉତରାୟ, ଡ. ଆରତି କର ଓ ଡ. ଦେବାଶିଷ ମହାପାତ୍ର ଯୋଗ ଦେଇଥିଲେ। ଦୃଢ଼ ମନୋବଳ, ଗଭୀର ଅଧ୍ୟବସାୟ ଓ ସଚ୍ଚୋଟ ପଣିଆ ଦ୍ୱାରା ମଣିଷ କିପରି ସବୁ ଝଡଝଞ୍ଜା କୁ ଅତିକ୍ରମ କରିପାରେ ପର୍ଶୁରାମ ଦ୍ୱିବେଦୀ ତାର ଜ୍ୱଳନ୍ତ ଉଦାହରଣ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଆଲୋଚନାରେ ରମାକାନ୍ତ ମିଶ୍ର, ଚକ୍ରଧର ଦାଶ, ମୁରଲୀଧର ପଲେଇ, ବିଜୟ ମହାନ୍ତି, ସୁନିଲ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ରାମ ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।



# କରାଟେ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୩।୫(ସମିସ): ଯଶୋଦା ମା ଫାଉଣ୍ଡେସନ ଆନୁକୂଲ୍ୟରେ ଭୁବନେଶ୍ୱର ନିଳାଦ୍ରୀ ବିହାର ଇଶାନେଶ୍ୱର ବସ୍ତିର କିଶୋରୀମାନଙ୍କ ପାଇଁ ମାଗଣା କରାଟେ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ମୋନାଲିସା ସାହୁ, ଜାତୀୟ ଆତ୍ମରକ୍ଷା ଓ ସମରକଳା ପ୍ରଶିକ୍ଷକ ପ୍ରଦ୍ୟୁମ୍ନ ବେହେରା, ଇଶାନେଶ୍ୱର ଶିଶୁ ସୁରକ୍ଷା ଟ୍ରଷ୍ଟ ସଭାପତି ସଦାନନ୍ଦ ଦାଶ ଓ ସମ୍ପାଦିକା ପ୍ରଭାସିନୀ ନାୟକ ଉପସ୍ଥିତ ରହିଥିଲେ। ଏଥିରେ ଯଶୋଦା ମା ଫାଉଣ୍ଡେସନ ପ୍ରତିଷ୍ଠାତ୍ରୀ ନିବେଦିତା ଲେଙ୍କା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁବ ସମାଜସେବୀ ପ୍ରତ୍ୟୁଷ ଭଞ୍ଜ ମଞ୍ଚ ପରିଚାଳନା କରିଥିଲେ। ଇଶାନେଶ୍ୱର ବିଜୁ ଆଦର୍ଶ କଲୋନୀ ସଭାପତି ରାଜେଶ ବେଉରା, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ସ୍ଥାନୀୟ ମହିଳାଙ୍କ ସମେତ ବସ୍ତିର କିଶୋରୀ ଝିଅ ମାନେ ଉପସ୍ଥିତ ଥିଲେ। ବସ୍ତିର କିଶୋରୀ ଝିଅମାନଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆୟୋଜନ କରିବା ଯଶୋଦା ମା ଫାଉଣ୍ଡେସନର ଆଉ ଏକ ଅଭିନବ ପ୍ରୟାସ।

# ଡ୍ରେନ୍ ସଫେଇ ଆରମ୍ଭ

ଭୁବନେଶ୍ୱର,୩।୫(ସମିସ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଦ୍ୱାରା ଡ୍ରେନ୍ ସଫେଇ ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଆରମ୍ଭ ହୋଇଥିବା ଏହି ସଫେଇକୁ ଯାନ୍ତ୍ରୀକ ଉପାୟରେ କରାଯାଉଥିବା ବେଳେ ଆଗକୁ ହାତରେ ବାକି ସଫାଇ କରାଯିବ। ମୌସୁମୀ ଋତୁ ପୂର୍ବରୁ ଡ୍ରେନ ସଫେଇ ସାରିବା ଓ ଜଳଜମା ସମସ୍ୟାକୁ ରୋକିବା ଲକ୍ଷ୍ୟରେ ବିଏମସି ସହରର ବିଭିନ୍ନ ଅଞ୍ଚଳରେ ଯାନ୍ତ୍ରୀକ ଉପାୟରେ ଡ୍ରେନ୍ ସଫାଇ ଜୋରଦାର କରିଛି। ଏହି ଅଭିଯାନ ଅଧୀନରେ ସକ୍ଷମ ମେସିନ୍ ଓ ଯନ୍ତ୍ରପାତି ବ୍ୟବହାର କରି ଡ୍ରେନ୍ ପରିଷ୍କାର କରାଯାଉଛି। ବିଏମସି ପକ୍ଷରୁ ଜାରି ଏକ ସୂଚନାରେ ଡ୍ରେନ୍ ସଫାଇ କାର୍ଯ୍ୟ ମାଧ୍ୟମରେ ପାଣିର ସଠିକ୍ ପ୍ରବାହ ନିଶ୍ଚିତ କରାଯିବ ଏବଂ ମୌସୁମୀ ସମୟରେ ଜଳଜମା ସମସ୍ୟା ଏଡ଼ାଇ ହେବ ବୋଲି କୁହାଯାଇଛି। ରବିବାର ରାଜରାଣୀ କଲୋନୀ, ଖଣ୍ଡଗିରି ସମେତ ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟ ଚାଲିଛି। ଏକ ସ୍ଥାନରେ ସକ୍ଷମ ସକ୍ସନ୍ ଟ୍ରକ୍ ଓ ହୋଜ୍ ବ୍ୟବହାର କରି ଶ୍ରମିକ ଡ୍ରେନ୍ ସଫା କରୁଥିବା ନଜରକୁ ଆସିଛି।

# ଗୌତମବୁଦ୍ଧଙ୍କ ଜୟନ୍ତୀ



ଭୁବନେଶ୍ୱର,୩।୫(ସମିସ): ମହାବୋଧି ସୋସାଇଟି ଅଫ ଇଣ୍ଡିଆର ଓଡିଶା ଶାଖା କଳିଙ୍ଗ ବୁଦ୍ଧ ବିହାର ପକ୍ଷରୁ ଗୌତମ ବୁଦ୍ଧଙ୍କର ୨୫୭୦ତମ ଜୟନ୍ତୀ ପାଳିତ ହୋଇଛି। ଓଡିଶା ଶାଖା ସଭାପତି ନରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବ୍ୟୋମକେଶ ତ୍ରିପାଠୀ ଯୁଦ୍ଧ ବଦଳରେ ବୁଦ୍ଧଙ୍କ ବାଣୀ ପୃଥିବୀରେ ସ୍ଥାୟୀ ଶାନ୍ତି ଆଣିପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ସଭାପତି ନରେନ୍ଦ୍ର କୁମାର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ମଧ୍ୟ ଉପସ୍ଥିତ ରହି ନିଜ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡିଶା ଶାଖାର ସ୍ମରଣିକା 'କଳିଙ୍ଗ'ର ନୂତନ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ସମ୍ପାଦକ ଡ. ଅସିତ ମହାନ୍ତି ଏଥିରେ ପ୍ରକାଶିତ ଲେଖାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଓଡିଶା ଶାଖାର ବୌଦ୍ଧ ଭିକ୍ଷୁ ସାରନନ୍ଦ ଥେରା ବୁଦ୍ଧଙ୍କ ପଞ୍ଚ ଶିଳ ପାଠ କରାଇ ନିଜର ଆଶ୍ରିବଚନ ପ୍ରଦାନ କରିଥିଲେ ଓ ବୁଦ୍ଧ ମନ୍ଦିର ପରିସରରେ କାର୍ଯ୍ୟନିର୍ବାହୀ ସଦସ୍ୟା ପ୍ରଫେସର ସୁଚେତା ପ୍ରିୟବାଦିନୀଙ୍କ ପ୍ରଦର୍ଶିତ ବୁଦ୍ଧଙ୍କ ଉପରେ ଏକ ଭବ୍ୟ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କେନ୍ଦ୍ରୀୟ ଟ୍ରଷ୍ଟି ଡ. ଷୌରେନ୍ଦ୍ର ମହାପାତ୍ର ସଭା ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

■ ବୁଦ୍ଧ ପୂର୍ଣ୍ଣିମା ମହୋତ୍ସବ

# ପ୍ରେମ ଓ ଅହିଂସା ଦ୍ୱାରା ସମସ୍ତ ବିଜୟ ସମ୍ଭବ

ଭୁବନେଶ୍ୱର,୩।୫(ସମିସ):



ବୁଦ୍ଧ ପୂର୍ଣ୍ଣିମା ମହୋତ୍ସବ ଅବସରରେ ଦାଣ୍ଡିମାଳ ସେବକ ସଙ୍ଗ ପକ୍ଷରୁ ପାତ୍ରପଡା ଆଇଗିଣିଆରେ ଭବ୍ୟ ମହୋତ୍ସବ ପାଳନ କରାଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ସଂଘ କାର୍ଯ୍ୟାଳୟରେ ବାବାସାହେବ ଡ. ବି.ଆର୍. ଆମ୍ବେଦକର ଓ ତଥାଗତ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଳା ଅର୍ପଣ କରାଯାଇଥିଲା। ପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ବିଜେଡି ନେତା ମନ୍ମଥ କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବେ ସମାଜସେବୀ ମନୋରଞ୍ଜନ ଜେନା, ପୂର୍ବତନ ଦାଣ୍ଡିମାଳ ସେବକ ସଂଘ ସଭାପତି ଗୋପାଳ ନାୟକ, ଚୌରିଲିସି କଟକ ମୌଜାର ସଭାପତି ରାମ ଚନ୍ଦ୍ର ନାୟକ, ଖୋର୍ଦ୍ଧା ସଫେଇ କର୍ମଚାରୀ ସଙ୍ଗଠନ ସଭାପତି ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ପ୍ରକାଶ କୁମାର ନାୟକ ସଭା ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ନାୟକ ସମନ୍ୱୟ କରିଥିଲେ। ଏହି ଅବସରରେ ସାଂସ୍କୃତିକ ଦଳମାନେ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହା ସହିତ ଦାଣ୍ଡିମାଳ ସେବକ ସଙ୍ଗ ଆୟୋଜିତ ଦାଣ୍ଡି ମାଳ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨୦୨୬ରେ ୧୬ଟି ଦଳକୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସଂଘର ସହ ସମ୍ପାଦକ ସୁଶାନ୍ତ ନାୟକ, ଉପସଭାପତି ପଞ୍ଚାନନ ନାୟକ, କୋଷାଧକ୍ଷ ବାସୁଦେବ ନାୟକ, ସମୀକ୍ଷକ ସୁଜନ ନାୟକ, ସଂଗଠନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।



# ଭୁବନେଶ୍ୱର ସିଟି

## ଇଚ୍ଛାଶକ୍ତି ଆଗରେ ହାର ମାନିଲା ଦାରିଦ୍ର୍ୟ

# ମାଟ୍ରିକ୍‌ରେ ଉତ୍ତୀର୍ଣ୍ଣ ହେଲେ ବାଲ୍ୟରୁ ପାଠ ଛାଡ଼ିଥିବା ପିଲା

ଭୁବନେଶ୍ୱର,୩।୫(ସମିସ):

ଦିନଥିଲା ଯେଉଁମାନେ ରାଜଧାନୀର ବିଭିନ୍ନ ଅଳିଆଗଦା ଭିତରେ ନିଜର ଭବିଷ୍ୟତକୁ ପୋତି ଦେଇଥିଲେ। ଜରି, ପ୍ଲାଷ୍ଟିକ ବୋତଲ ଗୋଟାଇବା ବେଳେ ହଜାଇ ଦେଇଥିଲେ ନିଜର ଭବିଷ୍ୟତର ସ୍ୱପ୍ନ। ଆର୍ଥିକ ଅଟନଟ ସାଙ୍ଗକୁ ଅଭିଭାବକଙ୍କ ଅଣଦେଖା ସେମାନଙ୍କୁ ପହଞ୍ଚାଇ ଦେଇଥିଲା ରେଲୱେଷ୍ଟେସନ୍ ସମେତ ବିଭିନ୍ନ ଜନଗହଳିସ୍ଥାନରେ ଭିକ୍ଷାବୃତ୍ତି କରିବାକୁ। ଯେଉଁ ବୟସରେ ହାତରେ ବହି ବସ୍ତାନୀ ରହିବା କଥା ସେହି ବୟସରେ ହାତରେ ଥିଲା ଡେନଡ୍ରାଇଟ୍। ଯାତ୍ରୀମାନଙ୍କୁ ଟଙ୍କାଟିଏ ପାଇଁ ନେହୁରା ହେବା ବେଳେ ଶୁଣିବାକୁ ପଡୁଥିଲା କେନେକ ତାଚ୍ଛଲ୍ୟଭରା କଥା। ହାତରେ କଲମ ଧରି ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବା ସେମାନଙ୍କ ପାଇଁ ଯେମିତି ସ୍ୱପ୍ନ ପାଲଟିଥିଲା। ହେଲେ ଏହି ସ୍ୱପ୍ନକୁ ବାସ୍ତବତାର ରୂପ ଦେବାକୁ ସେମାନଙ୍କୁ ସାହାଯ୍ୟର ହାତ ବଢ଼ାଇଥିଲା ସାମାଜିକ ଅନୁଷ୍ଠାନ ଆଶାଏଁ। ପିଲାମାନଙ୍କ ମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ପ୍ରଚେଷ୍ଟା ସଫଳତା ସିଡ଼ି ଚଢୁଥିବା ଚଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳରୁ ସ୍ପଷ୍ଟ ହୋଇଛି। ଯାହାକି ଛାତ୍ରଛାତ୍ରୀ, ଅଭିଭାବକ ଓ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଅନୁଭବ ବାଣ୍ଟିଛି। ପିଲାମାନେ କେଉଁ ଗ୍ରେଡ୍ ପାଇଲେ ସେଥିପାଇଁ ନୁହେଁ ବରଂ ଖୁସିର କାରଣ ସାଜିଛି ସେମାନଙ୍କର ନିଆରା ସଫଳତା।




ଚଳିତ ବର୍ଷର ମାଟ୍ରିକ୍ ଫଳ ପ୍ରକାଶ ପରେ ନିଜ ନିଜ ସ୍ତରରେ ସଫଳତାକୁ ନେଇ ଉତ୍ସାହିତ ହୋଇଛନ୍ତି। ଖୁସିରେ ଉତ୍ସବ ପାଳନ କରିଛନ୍ତି। ସେହିକ୍ରମରେ ଆଶାଏଁର ଏହି ସଫଳତା ପାଇଁ ସମସ୍ତ ସଦସ୍ୟ ଓ ଶୁଭେଚ୍ଛୁଙ୍କ ତରଫରୁ ପିଲାମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ପ୍ରଦାନ କରାଯାଇଛି। ଅନୁଷ୍ଠାନ ତରଫରୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚାଲୁଥିବା ଆମ ପାଠଶାଳାରୁ ଆଠଜଣ ପିଲା ଦଶମ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ହେଇ ନୂଆ ଆଶା ସଂଚାର କରିଛନ୍ତି। କାରଣ ଯେଉଁମାନେ ପାଠପଢ଼ାରେ ଡୋରି ବାନ୍ଧି କିଏ ଜରି ବୋତଲ ଗୋଟାଉ ଥିଲା ତ କି ଏ ବାଲ୍ୟ ଶ୍ରମିକ ଥିଲା। କିଏ ବଦାଭ୍ୟାସରେ ପଡି ଜୀବନକୁ ବେଖାତିର କରି ବଞ୍ଚୁଥିଲା ତ ଆଉ କାହାକୁ ବାଲ୍ୟ ବିବାହ ପାଇଁ ବାଧ କରାଯାଉଥିଲା। ସବୁ ପରିସ୍ଥିତିକୁ ପଛରେ ପକାଇ ଆଶାଏଁ ଅନୁଷ୍ଠାନ ସେମାନଙ୍କ ହାତରେ ପୁଣି କଲମ ଧରାଇବା ସହ ସେମାନଙ୍କର ବ୍ୟକ୍ତିତ୍ୱ ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧରି ପ୍ରୟାସ ଜାରି ରଖିଥିବା ବେଳେ ଚଳିତ ବର୍ଷ ପିଲାମାନେ ଦଶମ ଶ୍ରେଣୀରେ କୃତକାର୍ଯ୍ୟ ହୋଇ କେବଳ ନିଜ ପାଇଁ ନୂଆ ରାହା ସୃଷ୍ଟି କରି ନାହାନ୍ତି ବରଂ ସେମାନଙ୍କ ଭଳି ଶହ ଶହ ପିଲା ମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଚଳିତ ବର୍ଷ ପରୀକ୍ଷା ଦେଇଥିବା ୭ ଜଣ ପିଲା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ବୁଦ୍ଧନଗର ବସ୍ତିର ଗୋଲାପି ପାତ୍ର, ଏ. ଚରଣ ରେଡ୍ଡୀ, ଡମଣା ମଣ୍ଡପ ବସ୍ତିର ବର୍ଷା ଦିଗି, ସାଇଶୋମ ପ୍ରଧାନ, ସ୍ୱପ୍ନା ହେମ୍ବ୍ରମ ଏବଂ ନୀଳପଡ଼ିଆ ବସ୍ତିର ବାଲେ ମୁର୍ମୁ ଓ ରାଜା ସାହୁଙ୍କ ଏହି ସଫଳତା ଏବେ ଅନେକଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ସେମାନଙ୍କ ଗ୍ରେଡ୍ ଅନେକଙ୍କୁ ସାଧାରଣ ଦିଶୁଥିଲେ ବି ସେମାନଙ୍କ ପାଇଁ ଏକ ନିଆରା ଅନୁଭୂତି। କାରଣ ଅଧାରୁ ପାଠପଢ଼ା ଛାଡ଼ି ରାସ୍ତାକଡ ଜୀବନକୁ ଆଦରି ନେଇଥିବା ଏହି ପିଲାଙ୍କ ପାଇଁ ମେଟ୍ରିକ ପରୀକ୍ଷା ସ୍ୱପ୍ନ ଥିଲା। ତେବେ ନିଶା, ଚୋରି ଭଳି ଖରାପ ରାସ୍ତା ଛାଡି ସମ୍ମାନର ସହ ବଞ୍ଚିବା ପାଇଁ ପିଲାମାନଙ୍କ ସହ ନିରନ୍ତର କାମ କରିବା ସହ ସେମାନେ କେମିତି ଭଲ ମଣିଷ ହେବେ ସେଥିପାଇଁ ଅଧିକ ଗୁରୁତ୍ୱ ଦିଆଯାଉଥିବା ସଙ୍ଗଠନର ଅଧ୍ୟକ୍ଷ ରତ୍ନାକର ସାହୁ କହିଛନ୍ତି। ସଙ୍ଗଠନର କର୍ମକର୍ତ୍ତା, ଶିକ୍ଷାଦାତା ଓ ଶୁଭେଚ୍ଛୁମାନେ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତମ ଭବିଷ୍ୟତ କାମନା କରିଛନ୍ତି।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୩।୫ (ସମିସ): କଳିଙ୍ଗ ଷ୍ଟୁଡିଓ ଓଡ଼ିଶାର ଚଳଚ୍ଚିତ୍ର ଜଗତର ଏକ ଗୌରବମୟ ପ୍ରତୀକ। ଭୁବନେଶ୍ୱରର ଖଣ୍ଡଗିରି ନିକଟରେ ଅବସ୍ଥିତ ଏହି ଷ୍ଟୁଡିଓ ଓଡ଼ିଆ ସିନେମାର ସୁବର୍ଣ୍ଣ ଯୁଗର ଅନେକ ସ୍ମୃତି ବହନ କରିଛି। ଏହି ଷ୍ଟୁଡିଓ ୧୯୮୨ ମେ ୫ ତାରିଖରେ ଶୁଭଉଦଘାଟନ ହୋଇଥିଲା। ଅନେକ ଅଭିନେତା ଓ ଅଭିନେତ୍ରୀ ଏଠାରେ କାମ କରିବାର ସୁଯୋଗ ପାଇଛନ୍ତି। ସେହି ଐତିହାସିକ କଳିଙ୍ଗ ଷ୍ଟୁଡିଓର ଉଦ୍‌ଘାଟନୀ ସମୟର ଏକ ଫଟୋ ଆଜି କିଛି ପୁରୁଣା ସ୍ମୃତିକୁ ମନେ ପକାଇ ଦେଇଥିଲା।

ଯାହାକୁ ଉଦ୍‌ଘାଟନ କରିଥିଲେ ସେ ସମୟର ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ। ସୂଚନା ମୁତାବକ, ଶ୍ରୀ ଲୋକନାଥ ଚଳଚ୍ଚିତ୍ର ପରିବେଷଣର ୧୦୦ ଦିନ ପୂରଣ ଅବସରରେ, ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଓଡ଼ିଶାରେ ଏକ ଷ୍ଟୁଡିଓ ପ୍ରତିଷ୍ଠା କରିବାର ପ୍ରତିଶ୍ରୁତି ଦେଇଥିଲେ। ୧୯୬୦ ମସିହା ଡିସେମ୍ବର ୫ରେ ଖଣ୍ଡଗିରି ପାହାଡ ନିକଟରେ ଏହା ପ୍ରତିଷ୍ଠା କରିବାର ନିଷ୍ପତି ନିଆଯାଇଥିଲା। ପରେ ୧୯୬୧ ମସିହା ଜାନୁଆରୀ ୨୬ ତାରିଖରେ ଷ୍ଟୁଡିଓର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାର ଠିକ୍ ପ୍ରାୟ ୨୦ବର୍ଷ ପରେ ଏହି ଷ୍ଟୁଡିଓ କାର୍ଯ୍ୟକ୍ଷମ ହୋଇଥିଲା। ରମେଶ ମହାନ୍ତିଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ପରଝିଅ ଘର ଭାଙ୍ଗେନା'ରୁ ଆରମ୍ଭ ହୋଇ ଅଶୀ ଓ ନବେ ଦଶକରେ ଏହି ଷ୍ଟୁଡିଓରେ ବହୁ ଓଡ଼ିଆ ଓ ଅଣଓଡ଼ିଆ ଚଳଚ୍ଚିତ୍ରର ନିର୍ମାଣ କରାଯାଇଥିଲା। ଏଠାରେ ଓଡ଼ିଆ, ବଙ୍ଗଳା, ମଣିପୁରୀ, ଆସାମୀ, ଭୋଜପୁରୀ ଓ ହିନ୍ଦୀ ଭାଷାର ପ୍ରାୟ ୫୧୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି।

## କ୍ଷୁଦ୍ର ଚଳଚ୍ଚିତ୍ର 'ଛୁଅଁନା..ନା ମାନେ ନା'କୁ ୨ଟି ପୁରସ୍କାର



ଭୁବନେଶ୍ୱର,୩।୫(ସମିସ): ପିପୁଲସ କଲଚରାଲ ସେଣ୍ଟର 'ପିକକ୍' ଦ୍ୱାରା ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ର 'ଛୁଅଁନା..ନା ମାନେ ନା' କୋଚିର ଏଲ୍.କେ. ଫିଲ୍ମ ଫେଷ୍ଟିଭାଲ୍ ଏବଂ ନୂଆଦିଲ୍ଲୀର ୧୬ତମ ପ୍ରତିଷ୍ଠିତ ଦାଦା ସାହେବ ଫିଲ୍ମ ଫେଷ୍ଟିଭାଲରେ ସମ୍ମାନିତ ହୋଇଛି। ଏହି ଚଳଚ୍ଚିତ୍ରକୁ ଶୁଭ୍ରାଂଶୁ ରଞ୍ଜନ ନାୟକ ନିର୍ଦ୍ଦେଶନା ଦେଇଥିବା ବେଳେ ଏହା ଦିଲ୍ଲୀ ଏବଂ କୋଚି ଉଭୟ ଉତ୍ସବରେ ଏହା ପ୍ରଦର୍ଶିତ ହୋଇଛି। ଏଲ୍.କେ. ଫିଲ୍ମ ଫେଷ୍ଟିଭାଲରେ ଅଭିଜିଥଲାଲ୍ ଏନ୍‌ଏସ୍ ଏବଂ ଦାଦା ସାହେବ ଫିଲ୍ମ ଫେଷ୍ଟିଭାଲରେ ଶିବାଂଶ ଦାଶ ଏହି ପୁରସ୍କାର ଗ୍ରହଣ କରିଛନ୍ତି ବୋଲି ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି କହିଛନ୍ତି।

## 'ଆମ ବସ୍' ସେବାର ଶୁଭାରମ୍ଭ



ବାଲିଅନ୍ତା, ୩।୫(ସମିସ): ବାଲିଅନ୍ତା ବ୍ଲକ ଝିଣ୍ଟିଶାସନ ପଞ୍ଚାୟତ ଅଧୀନ ତ୍ରାହି ଅଚ୍ୟୁତ ପର୍ଯ୍ୟନ୍ତ ଆଜି ଆମ ବସ ସେବାର ଶୁଭାରମ୍ଭ ହୋଇଛି। ମାଷ୍ଟରକ୍ୟାଣ୍ଟିନରୁ ଆମ ବସ ପ୍ରତ୍ୟହ ୫ ଥର ଧଉଳି, ଉତ୍ତରା, ବାଲକାଟି ବସନ୍ତପେଡି କେନାଲ ବ୍ରିଜ ଦେଇ ତ୍ରାହିଅଚ୍ୟୁତ ସାଇଫନ ଛକ, ଝିଣ୍ଟିଶାସନ ଓ ତ୍ରାହି ଅଚ୍ୟୁତ ପର୍ଯ୍ୟନ୍ତ ଯାତାୟାତ କରିବ। ଏହି ଅବସରରେ ଆଜି ସମାଜସେବୀ ପ୍ରଦୀପ୍ତ ମହାନ୍ତି ଓ ବାଲକାଟି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ ଚଢ଼େଇବର ଛକରେ ପତାକା ହଲାଇ 'ଆମ ବସ୍' ସେବାର ଶୁଭାରମ୍ଭ କରିବା ସହ ଚାଳକ ଓ ବସ କଣ୍ଡକ୍ଟରଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ।

## ଅଦ୍ରିତୀ ଧର୍ମବିହାର ଏସ୍‌ଏସ୍‌ଭିଏମ୍ ଟପ୍ପର୍



ଭୁବନେଶ୍ୱର, ୩।୫(ସମିସ): ଚଳିତ ମାଟ୍ରିକ୍ ପରୀକ୍ଷାରେ ଭୁବନେଶ୍ୱର ଧର୍ମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଅଦ୍ରିତୀ ସାହୁ ସର୍ବାଧିକ ୫୫୭ ନମ୍ବର (ଏ-୧) ରଖି ସ୍କୁଲ ଟପର୍ ହୋଇଛନ୍ତି। ଛାତ୍ରୀ ସସ୍ମିତା ପଣ୍ଡା ୫୪୦ ନମ୍ବର (ଏ-୧) ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସ୍କୁଲର ମୋଟ ୭୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଏ-୨ରେ ୧୫ଜଣ, ବି-୧ରେ ୧୯, ବି-୨ରେ ୧୮, ସିରେ ୧୯ ଓ ଡି ଗ୍ରେଡ୍‌ରେ ୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ଗତକାଲି ସ୍କୁଲ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା, ପରିଚାଳନା ସମିତିର ଯୁଗ୍ମ ସମ୍ପାଦିକା ଆରତୀ ଜେନା, ସଦସ୍ୟା ତପସ୍ୱିନୀ ମହାନ୍ତ, ସଦସ୍ୟ ସତ୍ୟ ସେଠୀଙ୍କ ସମେତ ଅନ୍ୟ ଗୁରୁଜୀ, ଗୁରୁମା ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପାଇଁ ଗର୍ବ ଆଣିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନ ଆଚାର୍ଯ୍ୟ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## ଗୋପବନ୍ଧୁ ପାଠାଗାର ପକ୍ଷରୁ ଖୋଲିଲା ଜଳଛତ୍ର

ବାଲିପାଟଣା, ୩।୫(ସମିସ) : ବନମାଳୀପୁର ହାଟସ୍ଥିତ ଗୋପବନ୍ଧୁ ପାଠାଗାର ତରଫରୁ ଆଜି ପୂର୍ବାହ୍ନରେ ଏକ ଜଳଛତ୍ର ଶୁଭାରମ୍ଭ ହୋଇଛି। ପ୍ରବଳ ଖରା ଯୋଗୁଁ ତୃଷାର୍ତ୍ତ ପଥଚାରୀ ମାନଙ୍କୁ ଆସନ୍ତା ଦୁଇମାସ ଧରି ଥଣ୍ଡା ଦହି ପଣା ଯୋଗାଇ ଦେବା ପାଇଁ ଅନୁଷ୍ଠାନ ତରଫରୁ ଏହି ପ୍ରୟାସ ଆରମ୍ଭ କରାଯାଇଛି ବୋଲି ଅନୁଷ୍ଠାନ ର ଉପସଭାପତି ବିଶିଷ୍ଟ ସମାଜସେବୀ ରମେଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଆଜି ଅନୁଷ୍ଠାନିକ ଭାବରେ ଏହି କାର୍ଯ୍ୟକ୍ରମ କୁ ସ୍ଥାନୀୟ ସରପଞ୍ଚ ଲିଲିପ୍ରିୟା ସାହୁ ସର୍ବତ ବାଣ୍ଟି ଶୁଭାରମ୍ଭ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଭରତ ଚନ୍ଦ୍ର ପାତ୍ର,ପୂର୍ବତନ ସରପଞ୍ଚ କାଶୀନାଥ ବାରିକ୍, ଅବସର ପ୍ରାପ୍ତଙ ଅଧ୍ୟାପକ ରମେଶ ସାହୁ,ଅଶୋକ ପାତ୍ର ପ୍ରମୁଖ ଙ୍କ ସହିତ ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବିଶିଷ୍ଟ ବ୍ୟକ୍ତିଙ୍କୁ 'ଓଡ଼ିଆ ଅସ୍ମିତା ଗୌରବ ସମ୍ମାନ'



ଭୁବନେଶ୍ୱର,୩।୫(ସମିସ): ରାଜ୍ୟର ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନଙ୍କୁ 'ଓଡ଼ିଆ ଅସ୍ମିତା ଗୌରବ ସମ୍ମାନ' ପ୍ରଦାନ କରାଯାଇଛି। ସେହିପରି ସୁରେଶ କୁମାର ରାଉତରାୟଙ୍କୁ ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି। ରାଜଧାନୀ ସଂଗ୍ରାମୀ ସେବାସଙ୍ଘ ପକ୍ଷରୁ ଜୟଦେବ ଭବନରେ ସଙ୍ଗୀତ ଜନ ଆନ୍ଦୋଳନ ମହାରଥୀ, ଓଡ଼ିଆ ଭାଷା, ସାହିତ୍ୟ, ସାମ୍ବାଦିକତାର ଅଗ୍ରଣୀ ବହୁମୁଖୀ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ପ୍ରଦ୍ୟୁମ୍ନ ଶତପଥୀଙ୍କ ସମ୍ମାନରେ ସଂଗୀତ ସିଡି 'ଜନଆନ୍ଦୋଳନ ମହାରଥୀ ପ୍ରଦ୍ୟୁମ୍ନ ଶତପଥୀ' ଉନ୍ମୋଚିତ ହୋଇଯାଇଛି। ଚନ୍ଦ୍ରଭାନୁ କରଙ୍କ ରଚିତ ଏହି ସଙ୍ଗୀତର ନିର୍ଦ୍ଦେଶନା ଦେଇଛନ୍ତି ଶାନ୍ତନୁ ନାୟକ ଏବଂ କଣ୍ଠଦାନ କରିଛନ୍ତି ବିଷ୍ଣୁ ମୋହନ କବି ଓ ଜୟଶ୍ରୀ ଧଳ। ସଙ୍ଘ ପ୍ରତିଷ୍ଠାତା ବାପୁ ଓଝାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, କଣ୍ଠଶିଳ୍ପୀ ଡ. ଜୟଶ୍ରୀ ଧଳ, ବିଶିଷ୍ଟ ଲେଖିକା, ଗବେଷିକା ଡ. ଭାଗ୍ୟଲିପି ମଲ୍ଲ, ବିଶିଷ୍ଟ ସମାଜସେବୀ ରୁଦ୍ର ସାମନ୍ତରାୟ, କବି ସୁନୀଲ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାଙ୍କୀ ଅଞ୍ଚଳର ଜଣେ ଅସହାୟ କର୍କଟ ପୀଡ଼ିତା ରଞ୍ଜୁଲତା ସାହୁଙ୍କୁ ସମାଜମଙ୍ଗଳ ହୁଣ୍ଡି ଭାଙ୍ଗି ସେଥିରୁ ଆଦାୟ ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିକାଶ ବାରିକ, ଡେଜି ଶତପଥୀ, ତନ୍ମୟ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସଙ୍ଘ ସଭାପତି ଧୀରେନ ଶଙ୍କର ଦାସ।

## 'ମନଫୁଲ ସନ୍ଦେଶ' ଉନ୍ମୋଚିତ

ଭୁବନେଶ୍ୱର,୩।୫(ସମିସ): ମାସିକ ସମ୍ବାଦପତ୍ର 'ମନଫୁଲ ସନ୍ଦେଶ'ର ଉନ୍ମୋଚନ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ମନଫୁଲ ସନ୍ଦେଶ'ର ସମ୍ପାଦକ ମିଲନ୍ ଜ୍ୟୋତି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଜଣାଶୁଣା ପରିବେଶବିତ୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ବିଶିଷ୍ଟ ସାମ୍ବାଦିକ ଓ ପୂର୍ବତନ ସୂଚନା ଆୟୁକ୍ତ ଦିଲ୍ଲୀପ ବିଶୋଇ, ବିଶିଷ୍ଟ ସମାଜସେବୀ ନିରୋଜଲକ୍ଷ୍ମୀ ମହାପାତ୍ର, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ନଳିନୀକାନ୍ତ ନାୟକ, ବିଶିଷ୍ଟ ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲୀ, ସମାଜସେବୀ ଅଂଶୁମାନ ଦାସ ପ୍ରମୁଖ ଯୋଗଦେଇ ଉନ୍ମୋଚନ କରିଥିଲେ। ଓଡ଼ିଆ ସମ୍ବାଦପତ୍ର ଜଗତରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି ସହ ଓଡ଼ିଶାର ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଖେଳ, ସିନେମା ପ୍ରଭୃତି ବିଷୟବସ୍ତୁକୁ ନେଇ ଉଚିତ୍ ଓ ସଠିକ୍ ଖବର ଜନସାଧାରଣଙ୍କ ପାଖକୁ ପହଞ୍ଚାଇବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ମନୋଜ କୁମାର ସାହୁ, ପ୍ରଜ୍ଞା ପରମିତା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।




## କେଶବ ପ୍ରଭାତ ଶାଖାର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୩।୫(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ଥାନୀୟ କେଶବ ପ୍ରଭାତ ଶାଖାର ୯ମ ବାର୍ଷିକ ଉତ୍ସବ ସ୍ଥାନୀୟ ଡ. ଏ.ପି.ଜେ. ଅବଦୁଲ କାଲାମ ପାର୍କ ପରିସରରେ ପାଳିତ ହୋଇଛି। ଏହି ଉତ୍ସବରେ ସ୍ୱୟଂସେବକମାନେ ସେମାନଙ୍କର ଅନୁଶାସନ ଓ ନିଷ୍ଠାର ପ୍ରଦର୍ଶନ କରିଥିଲେ। ଉତ୍ସବରେ ମୂଖ୍ୟ ଅତିଥି ଭାବେ ଡ. ପ୍ରଦ୍ୟୁତ କୁମାର ବିଶ୍ୱାଳ ଯୋଗଦେଇ ସମାଜ ଗଠନ ତଥା ରାଷ୍ଟ୍ର ନିର୍ମାଣରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଖଣ୍ଡଗିରି ଭାଗର ସଙ୍ଘ ଚାଳକ ବିଜୟ କେତନ ସାହୁଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗରର ଗ୍ରାମ ବିକାଶ ପ୍ରମୁଖ ଗୁଣନିଧି ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍ୱୟଂସେବକ ନଳିନୀ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶାଖାର ସ୍ୱୟଂସେବକମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଶାରୀରିକ କୌଶଳ ଓ ପ୍ରଦର୍ଶନ କରାଯାଇଥିଲା। ଉତ୍ସବର ମୁଖ୍ୟ ଶିକ୍ଷକ ଭାବେ ପିଉବାସ ଦାସ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପ୍ରାଣବନ୍ଧୁ ନାୟକଙ୍କ ଦ୍ୱାରା ସଂଘ ପ୍ରାର୍ଥନା ଗାନ ହୋଇଥିଲା।

## ଗ୍ଲୋବାଲ ସ୍ପିରିଚୁଆଲ ମିଶନର ଆଲୋଚନାଚକ୍ର




ଭୁବନେଶ୍ୱର,୩।୫(ସମିସ): ମଣିଷର ବସ୍ତୁବାଦୀ ଜୀବନ ମଧ୍ୟରେ ଆତ୍ମିକ ଶାନ୍ତି ଖୋଜିବା ପାଇଁ ଆଧ୍ୟାତ୍ମିକତା ହେଉଛି ଏକମାତ୍ର ଶ୍ରେଷ୍ଠ ମାର୍ଗ। ଏହି ପରିପ୍ରେକ୍ଷୀରେ ଗ୍ଲୋବାଲ ସ୍ପିରିଚ୍ୟୁଆଲ ମିଶନ ପକ୍ଷରୁ ଏକ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। "ଆଧ୍ୟାତ୍ମିକ ଜୀବନ ସୁଖ ଓ ଆନନ୍ଦର ମୂଳ ଉତ୍ସ' ଶୀର୍ଷକ ଏହି ସାରସ୍ୱତ ସଭାରେ ବହୁ ବ୍ୟକ୍ତିବିଶେଷ ଯୋଗଦେଇ ମାନବ ଜୀବନରେ ଆଧ୍ୟାତ୍ମିକତାର ଅପରିହାର୍ଯ୍ୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ବାଗ୍ମୀ ଅନନ୍ତ ଗୋପାଳ ପଣ୍ଡା ଉପସ୍ଥିତ ଥିବାବେଳେ ଉପଦେଷ୍ଟା ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର ନିଜ ବକ୍ତବ୍ୟରେ ଆମର ଶାସ୍ତ୍ର ଓ ପୁରାଣଗୁଡ଼ିକ ଜ୍ଞାନର ଅକ୍ଷୟ ଭଣ୍ଡାର। ପ୍ରତ୍ୟହ ଗୀତା ଓ ଭାଗବତ ପଠନ କଲେ ଜୀବନରେ ଆସୁଥିବା ବାଧାବିଘ୍ନକୁ ସାମ୍ନା କରିବା ପାଇଁ ମଣିଷକୁ ଅପୂର୍ବ ଆତ୍ମବଳ ମିଳିଥାଏ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଂପାଦକ ପରମେଶ୍ୱର ମିଶ୍ର ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଗ୍ଲୋବାଲ ସ୍ପିରିଚ୍ୟୁଆଲ ମିଶନର ଲକ୍ଷ୍ୟ, ଆଭିମୁଖ୍ୟ ବିଷୟରେ କହିଥିଲେ। ନାଟ୍ୟକାର ବିଜୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଭବ୍ୟ ସଭାରେ ପ୍ରତାପ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ସରକାର ନିରବ

ଭୁବନେଶ୍ୱର, ୩।୫(ସମିସ): ବିଜେପି ସରକାର ଆସିବା ପରେ ପୁରୀ ଠାରୁ କଳାହାଣ୍ଡି, କେନ୍ଦୁଝର, ପଟ୍ଟାମୁଣ୍ଡାଇ, ଭଦ୍ରକ ଓ ଖୋଦ ରାଜଧାନୀରେ ସମେତ ସାରା ଓଡ଼ିଶାରେ ଅପରାଧୀ ମାନଙ୍କର ସରକାରୀ ପୃଷ୍ଟ ପୋଷାକତା ଥିବାରୁ ଅପରାଧୀ ମାନଙ୍କର ପୋଲିସ, ପ୍ରଶାସନକୁ ଭୟ କରୁନାହାନ୍ତି। ବାଲି ମାଫିଆ ମାନେ ତହସିଲ ଦାର ମାନଙ୍କୁ ଆକ୍ରମନ କରିବାକୁ ପଛାଉନାହାନ୍ତି। ଗତ କାଲି କଣାସରେ ଯେଭଳି ଭାବରେ ଦିନ ଦ୍ୱିପ୍ରହରେ ମଟର ସାଇକେଲ ରେ ଆକ୍ରମଣ କରାଯାଇଛି ଏହା ଦର୍ଶାଇ ଦେଉଛି ଯେ, ରାଜ୍ୟରେ ଖୋଦ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଦାଇତ୍ୱରେ ଥିବା ବେଳେ ଏ ଘଟଣା ପ୍ରତି ନଜର ଅନ୍ଦାଞ୍ଜ କରିବା ନିନ୍ଦନୀୟ। ସିପିଆଇ(ଏମ ଏଲ) ଲିବେରେସନ ଏହାର ଦୃଢ ପ୍ରତିବାଦ କରୁଛି ବୋଲି ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏକ ପ୍ରେସ୍ର ବିବୃତିରେ କହିଛନ୍ତି।

## ଶିଶୁଶ୍ରମ ନିରୋଧ ଦିବସରେ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,୩।୫(ସମିସ): କୋଣଠେସା ହୋଇ ରହିଯାଇଥିବା ଶିଶୁମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଓ ଅଧାରୁ ପାଠ ଛାଡ଼ିଥିବା ଶିଶୁମାନଙ୍କୁ ବିଦ୍ୟାଳୟ ଗାମୀ କରାଇବା ଲକ୍ଷ୍ୟରେ ଆକ୍ସନଏଡ୍ ଓ ସିସିଡବ୍ଲ୍ୟୁଡି ମିଳିତ ଆନୁକୁଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଶିଶୁଶ୍ରମ ନିରୋଧ ଦିବସ ଅବକାଶରେ ସ୍ଥାନୀୟ ୱାର୍ଡ ନମ୍ବର-୨୬ ଅଧିନସ୍ଥ ନୀଳଚକ୍ର ନଗର ଠାରେ ଆୟୋଜିତ ମାନବଶୃଙ୍ଖଳ ଓ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବେ ଶିଶୁ ମହିଳା ବିକାଶ କେନ୍ଦ୍ରର ସମ୍ପାଦକ ସଦାଶିବ ସ୍ୱାଇଁ ଯୋଗଦେଇ ପିତାମାତାଙ୍କର ଦାୟିତ୍ୱ ଓ ଶିଶୁ ଶ୍ରମ ଆଇନ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ପରିଡ଼ା, ରେଣୁବାଳା ସାହୁ, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏହି ସମ୍ବନ୍ଧୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଭାସ୍କର ଚନ୍ଦ୍ର ପ୍ରଧାନ ସ୍ୱାଗତଭାଷଣ ଦେଇଥିବା ବେଳେ ସ୍ନିଗଧା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଦ୍ଧ ମନ୍ଦିରରେ ବ୍ୟବସାୟ, ଅର୍ଥ ହରିଲୁଟ୍

## ଅଭିଯୋଗ ଆଣିଲେ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର

ଭୁବନେଶ୍ୱର,୩।୫(ସମିସ):

ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ବ୍ୟବସାୟ ଚାଲିବା ସହ ସ୍କୁଲ୍ ପଇସାରେ ହରିଲୁଟ୍ ହେଉଥିବା ଅଭିଯୋଗ କରିଛନ୍ତି ବୁଦ୍ଧମନ୍ଦିରର ବରିଷ୍ଠ ସଦସ୍ୟ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର। ସେ କହିଛନ୍ତି, ୧୯୫୬ ମସିହାରେ ଯେତେବେଳେ ପୃଥିବୀରେ ୨୫୦୦ତମ ବୁଦ୍ଧ ଜୟନ୍ତୀ ପାଳନ ହେଉଥିଲା ସେତେବେଳେ ଭାରତବର୍ଷର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କ ଅନୁରୋଧରେ ସବୁରାଜ୍ୟରେ ବୁଦ୍ଧ ଧର୍ମର ପ୍ର.ର ପ୍ରସାର ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେହିକ୍ରମରେ ଡ. ହରେକୃଷ୍ଣ ମହତାବ ସେତେବେଳେର ମୁଖ୍ୟମନ୍ତ୍ରୀ ବୁଦ୍ଧ ଧର୍ମର ପ୍ର.ର ପ୍ରସାର ପାଇଁ ୩ ଏକର ସରକାରୀ ଜମି ଭୁବନେଶ୍ୱରର ପ୍ରମୁଖ ସ୍ଥଳରେ ଟଙ୍କିକିଆ ସଲାମୀରେ ଉତ୍କଳ ବୌଦ୍ଧ ସଂଘକୁ ଦେଲେ। ଏହି ସମ୍ପତ୍ତି ଉପରେ ବିଭିନ୍ନ ସମୟରେ ବିଭିନ୍ନ ଜମିମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଥାଏ। ୨୦୦୨ ମସିହାରେ ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ ବଂଶଜ, ଏହି ଜମିକୁ ହାତେଇବା ପାଇଁ ଏକ ଟ୍ରଷ୍ଟ ନାମରେ ଅନଧିକୃତ ଜଣେ ବ୍ୟକ୍ତିଠାରୁ ଚୁକ୍ତିପତ୍ର ରେଜିଷ୍ଟ୍ରି କରି ସ୍କୁଲ ଆରମ୍ଭ କରିଦେଲେ। ସାମ, ଦାନ, ଭେଦ ନୀତିରେ ୨୩ବର୍ଷ ହେବ ଟ୍ରଷ୍ଟି, ସମ୍ପାଦକ ଆଦି ପଦ ହାତେଇ ବୁଦ୍ଧ ଧର୍ମର ପ୍ର.ର ପ୍ରସାର ସ୍ଥାନରେ, ବୁଦ୍ଧ ମନ୍ଦିରକୁ ଏକ ବ୍ୟବସାୟ ସ୍ଥଳ କରି ନର୍ସରୀ, କ୍ୟାଟେରିଙ୍ଗ, ପୁରୁଣା ରଦି ଜିନିଷ ବିକ୍ରୟ କେନ୍ଦ୍ର, ହଲ୍ ଭଡ଼ା, ଖାଇବା ସ୍ଥାନ ଭଡ଼ା, ସେହିପରି ସ୍କୁଲରେ ଡ୍ରେସ୍, ବହି, ଖାତା, ସବୁଥିରେ ପି.ସି.ରେ କାର୍ଯ୍ୟ .ଲିଥିବା ସେ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ, ସ୍କୁଲ ବିଲଡିଙ୍ଗର ହୋଲଡ଼ିଙ୍ଗ ଟିକସ ଦିଆଯାଇ ପାରୁନଥିବା ବେଳେ ଲକ୍ଷ୍ନୌ ବୁଦ୍ଧ ମନ୍ଦିରର ଇଲେକ୍ଟ୍ରି ବିଲ୍ ୭ଲକ୍ଷ ଟଙ୍କା ଭୁବନେଶ୍ୱର କେନ୍ଦ୍ର ପ୍ରଦାନ କରିଛି।

ବୁଦ୍ଧ ସଂଘରେ ୪୦ବର୍ଷର ଇତିହାସ ଲେଖିବା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଲୋକାର୍ପଣ ହେବା ପରେ, ଲୁଟେରାମାନେ ଜଣେ ବୌଦ୍ଧଭୀକ୍ଷୁଙ୍କୁ ଆଣି ତନ୍ତ୍ର ଦ୍ୱାରା ତାଙ୍କୁ ମାରିବାକୁ ଷଡ଼ଯନ୍ତ୍ର ମଧ୍ୟ କରିଥିବା ଡ. ଜ୍ଞାନେନ୍ଦ୍ର ଅଭିଯୋଗ କରିଛନ୍ତି।ବୁଦ୍ଧ ମନ୍ଦିର, ସ୍କୁଲର ଆର୍ଥିକ ଅନିୟମିତତା ଓ ବୁଦ୍ଧ ଧର୍ମ ସଂସ୍ଥାରୁ ବ୍ୟବସାୟୀକରଣ ବନ୍ଦ ପାଇଁ ବିହୀତ ପଦକ୍ଷେପ ନେବା ସହ ସେହରୀ ନକ୍ସଲଙ୍କ ଠତାଙ୍କୁ ମୋତେ ସୁରକ୍ଷା ଦିଆଯିବାକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କୁ ଡ. ଜ୍ଞାନ୍ଦ୍ରେ ଅନୁରୋଧ କରିଛନ୍ତି।

